# ନାଇପର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

ବ୍ରହ୍ମପୁର, ୧୬ର୯(ନିପ୍ର): ଏଠାରେ ଜାତୀୟ ଔଷଧ ଶିକ୍ଷା ଓ ଗବେଷଣା ସଂସ୍ଥାନ (ନାଇପର) ଓ ଜାତୀୟ ଖାଦ୍ୟ ପ୍ରକ୍ରିୟାକରଣ ବୈଷୟିକ ଶିକ୍ଷା ଅନୁଷ୍ଠାନର ଶାଖା ସ୍ଥାପନ ପାଇଁ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଅନ୍ୟାନ୍ୟ ଗଣ ସଙ୍ଗଠନ ତରଫରୁ ଦାବି କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଗଞ୍ଜାମ ଜିଲ୍ଲାପାଳ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିପାଇଁ ହିଲ୍ପାଟଣା ଗଣେଶ ମନ୍ଦିର ଠାରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରା କରାଯାଇଛି। କୁହାଯାଇଛି, ବ୍ରହ୍ମପୁରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତର ସର୍ବ ପ୍ରାଚୀନ ଏବଂ ପ୍ରଥମ ଫାର୍ମା ପ୍ରତିଷ୍ଠାନ ରହିଛି । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଆହ୍ୱାନକୁ ପୂରଣ କରିବାପାଇଁ ୧୯୭୦ ଦଶକରେ ସ୍ଥାପିତ ପ୍ରଥମ ଫାର୍ମାସ୍ୟୁଟିକାଲ୍ ବିଜ୍ଞାନ ମହାବିଦ୍ୟାଳୟ ମହୁଡ଼ା ବ୍ରହ୍ମପୁର ଏବଂ ଅନ୍ୟ ଫାର୍ମା ପ୍ରତିଷ୍ଠାନ ବୈଷୟିକ ମାନବ ସମ୍ବଳ ସୃଷ୍ଟି କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ବ୍ରହ୍ମପୁରରେ ଏକ ଜାତୀୟ ସ୍ତରର ଫାର୍ମାସୀ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଇକୋ–ସିଷ୍ଟମ ଉପଲବ୍ଧ ଅଛି । ସେହିପରି ଖାଦ୍ୟ ପ୍ରକ୍ରିୟାକରଣ ବୈଷୟିକ ଶିକ୍ଷା ଅନୁଷ୍ଠାନ ହେଉଛି ଗଞ୍ଜାମ ତଥା ଦକ୍ଷିଣ ଓଡ଼ିଶାବାସୀଙ୍କ ଦୀର୍ଘ ଦିନର ଦାବି । ରାଜ୍ୟ ସରକାର ଗୋପାଳପୁରକୁ ଫାର୍ମା କ୍ଲଷ୍ଟର କରିବାକୁ ପ୍ରୋତ୍ସାହିତ କରୁଛନ୍ତି । ଅନେକ କମ୍ପାନୀ ଗୋପାଳପୁରରେ ସେମାନଙ୍କର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବାକୁ ଆଗ୍ରହୀ ଅଛନ୍ତି। ବ୍ରହ୍ମପୁର ଠାରେ ନାଇପର ପ୍ରତିଷ୍ଠା ହେବା ଦ୍ୱାରା ଉଚ୍ଚତର ଶିକ୍ଷା, ଗବେଷଣା, ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା, ବୈଦେଶିକ ଶିକ୍ଷା ବିନିମୟ ଏବଂ ଫାର୍ମା ଇକୋସିଷ୍ଟମ୍ ଆହୁରି ସୁଦୃଢ଼ ହେବ । ଏନ୍‌ଆଇପିଇଆର୍ (ନାଇପର) ଛାତ୍ରଛାତ୍ରୀ ଏହାର ସିଧାସଳଖ ଲାଭ ଉଠାଇପାରିବେ । ବ୍ରହ୍ମପୁର ଉପକଣ୍ଠ ପାତିସୁନପୁର, ଲୌଡ଼ିଗାଁ, ସୋରୋଳ, ହୁମ୍ମା ଏବଂ ବ୍ରହ୍ମପୁର ରିଙ୍ଗରୋଡ୍ ଚାରିପାଖରେ ବିଶାଳ ଭୂମି ଉପଲବ୍ଧ ଅଛି। ତେଣୁ ବ୍ରହ୍ମପୁରରେ ଉକ୍ତ ଦୁଇ ଜାତୀୟ ଅନୁଷ୍ଠାନ ପ୍ରତିଷ୍ଠା କରାଯିବା ଯଥାର୍ଥ ହେବ । ବ୍ରହ୍ମପୁରରେ ନାଇପର ହେଲେ ଛାତ୍ରଛାତ୍ରୀ ଏଠାରେ କାମ କରିବା ସହ ବିଭିନ୍ନ ବିଷୟରେ ଗବେଷଣାର ରାସ୍ତା ପ୍ରଶସ୍ତ ହୋଇପାରିବ। ଏହାଦ୍ୱାରା ଆଞ୍ଚଳିକ ଭେଦଭାବ ହ୍ରାସ ପାଇବ ଏବଂ ଫାର୍ମାସ୍ୟୁଟିକାଲ୍ ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ମଧ୍ୟ ଦୃଢ଼ କରିବ । ଏ ସବୁ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରରେ ନାଇପର ଓ ଖାଦ୍ୟ ପ୍ରକ୍ରିୟାକରଣ ବୈଷୟିକ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ କରିବେ ବୋଲି ଗଞ୍ଜାମବାସୀଙ୍କ ବିଶ୍ୱାସ ରଖିଛନ୍ତି । କାର୍ଯ୍ୟକ୍ରମରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଆଇନ୍‌ଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରିତିଶ୍ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ। ଏଥିପ୍ରତି ସବୁ ସ୍ତରରୁ ବିପୁଳ ସମର୍ଥନ ମିଳିଥିଲା।




# ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ନିଯୁକ୍ତିଭିତ୍ତିକ କର୍ମଶାଳା

ବ୍ରହ୍ମପୁର, ୧୬।୯(ନିପ୍ର) ସମାଜର ଗତି, ଭିତ୍ତି ଓ ସ୍ଥିତିକୁ ନେଇ ତର୍ଜମା କରୁଥିବା ବୃତ୍ତି ହେଉଛି ସାମ୍ବାଦିକତା । ଏହିଭଳି ଏକ ଉନ୍ନତମାନର ଚିନ୍ତାଧାରା ନେଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭାଗ ହେଉଛି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ । ଏହି ବିଭଗାରେ ସମ୍ପ୍ରତି ଏକ କର୍ମ ନିଯୁକ୍ତି ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ନନ୍ଦିଘୋଷ ଟିଭିର ବରିଷ୍ଠ ଲେଖକ ଚନ୍ଦ୍ରକାନ୍ତ ପଣ୍ଡା ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ ଉପରେ ବିଶଦ ଆଲୋଚନା କରିଥିଲେ । ଏହି କର୍ମଶାଳା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମ୍ମାନନୀୟା କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତଥା ବିଭାଗୀୟ ମୁଖ୍ୟା ଡ଼. ବନ୍ଦିତା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । କର୍ମଶାଳାକୁ ବିଭାଗୀୟ ମୁଖ୍ୟା ଡ଼. ବନ୍ଦିତା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା । କର୍ମଶାଳାକୁ ବିଭାଗୀୟ ସହ ଅଧ୍ୟାପିକା ଡ଼. ଚିନୁ ବହିଦାର ପରିଚାଳନା କରିବା ସହିତ ବିଭାଗୀୟ ପ୍ରାଧ୍ୟାପକ ପ୍ରଫେସର ଗଣେଶ ସେଠୀ, ସହଯୋଗୀ ଅଧ୍ୟାପକ ଡ଼. ଜୟନ୍ତ କୁମାର ପଣ୍ଡା, ସହ ଅଧ୍ୟାପିକା ଡ଼. ନେହରା ପାଣ୍ଡେ, ସହ ଅଧ୍ୟାପକ ଅଗ୍ନି କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହି କର୍ମଶାଳାରେ ଓଡ଼ିଆ ଭାଷାର ବ୍ୟବହାର, ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ ଉପରେ ବିସ୍ତୃତ ଆଲୋଚନାର କରାଯାଇଥିଲା ।



# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ବୃକ୍ଷ ରୋପଣ

ବ୍ରହ୍ମପୁର, ୧୬।୯(ନିପ୍ର): ବୃକ୍ଷ ହିଁ ଜୀବନ । ଧ୍ୱଂସମୁଖୀ ପୃଥିବୀକୁ ସୁରକ୍ଷା ଦେବାରେ ଏହି ବୃକ୍ଷ ହିଁ ଆମ ପାଇଁ ଏକମାତ୍ର ବିକଳ୍ପ ଭାବେ ରହିଛି । ଏଣୁ ଘର ବାଡ଼ିରେ ବୃକ୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ବୃକ୍ଷ ରୋପଣ ପାଇଁ ମିଶନ ଶକ୍ତି ତରଫରୁ କାଜଲ୍ ପାତ୍ର ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ୟା ମା' ମାନଙ୍କୁ ବୁଝାଇଥିଲେ । ସ୍ଥାନୀୟ ବାଲାଜୀପେଣ୍ଠ ଅଙ୍ଗନବାଡ଼ି ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଙ୍ଗନବାଡ଼ି କର୍ମୀ ସୁମତି ସାହୁ ଏବଂ ସହାୟିକା ସୋନମ ସାମଲ ବୃକ୍ଷ ବଣ୍ଟନ କାର୍ଯ୍ୟରେ ସହାୟତା କରିବା ସହ ଘରବାଡ଼ିରେ ବୃକ୍ଷ ରୋପଣ କରି ତାହାର ଫଟୋ ଛାଡ଼ିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଙ୍ଗନବାଡ଼ି ଅଞ୍ଚଳ ଅନ୍ତର୍ଗତ ଅନ୍ୟୁନ କୋଡ଼ିଏଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବୃକ୍ଷ ରୋପଣ ଓ ତାହାର ଯତ୍ନ ନିମନ୍ତେ ଅଙ୍ଗୀକାରବଦ୍ଧ ହୋଇ ପ୍ରତ୍ୟେକେ ଗୋଟିଏ ଗୋଟିଏ ଚାରା ନେଇଥିଲେ । ବାଲାଜୀ ପେଣ୍ଠ ଅଞ୍ଚଳରେ ଏହାର ଖଗୁବ୍ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି ।



# ଛାତ୍ରାବାସ ଫି' ନେଇ ତାତିଲେ ଛାତ୍ରଛାତ୍ରୀ

ବ୍ରହ୍ମପୁର, ୧୬।୯(ନିପ୍ର): ବିଶ୍ୱବିଦ୍ୟାଳୟର ଦୀର୍ଘ ଦିନ ଧରି ଦାବି କରି ଆସୁଥିବା ସର୍ବାଧିକ ହଷ୍ଟେଲ୍ ଫି' ନେଇ ବୁଧବାର ତାତିଛନ୍ତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ସେମାନଙ୍କ ଦାବି ଯେ ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତୁଳନାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବାଧିକ ଅଧିକ ହଷ୍ଟେଲ୍ ଫି' ୧୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରଦାନ କରୁଛନ୍ତି । ସେହି ତୁଳନାରେ ସେମାନଙ୍କୁ ମିଳୁଥିବା ସୁବିଧା ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି । ଅଧିକାଂଶ ହଷ୍ଟେଲ୍ କାନ୍ଥ ଫାଟି ଆଁ ହୋଇଯାଇଥିବା ବେଳେ ଛାତରୁ ଫୋଲ୍‌ସ ଝଡ଼ି ରୋଡ୍ ଖାଡ଼ି ଦେଖାଯାଉଛି ତ କେଉଁଠି ବର୍ଷା ହେଲା ପାଣି ଗଳୁଛି । ଗୋଟେ ଗୋଟେ ରୁମ୍‌ରେ ଏକାଧିକ ଛାତ୍ରଛାତ୍ରୀ ରହୁଛନ୍ତି । ଗୋଟିଏ ରୁମ୍‌ରେ ଗୋଟିଏ ଫୋନ୍ ଲାଇଟ୍ ପାଇଁ ଏକାଧିକ ଛାତ୍ରଛାତ୍ରୀ ମାସିକ ଫି' ମୁଣ୍ଡ ପିଛା ୨୦୦ଟଙ୍କା ଦେଉଛନ୍ତି । ଛାତ୍ରୀଙ୍କ ଚିଲିକା ହଷ୍ଟେଲ୍‌ରେ ଅନେକ ସମୟରେ ବ୍ୟବହାରିକ ପାଇଁ ପାଣିର ଅଭାବ ଦେଖିବାକୁ ମିଳିବା ସହ କେଉଁ ହଷ୍ଟେଲ୍‌ରେ ପାନୀ ଜଳର ମଧ୍ୟ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଅନେକ ହଷ୍ଟେଲ୍‌ରେ ଲକ୍ଷାଧିକ ଟଙ୍କାର ଜିମ୍ନାଷ୍ଟିକ୍ସ ଜିନିଷ ଗୁଡ଼ିକ ଖତ ଖାଇଲାଣି । ହେଲେ ତାହାର କୌଣସି ଭରଣପୋଷଣ ହୋଇପାରୁନାହିଁ । ଏଭଳି ଅନେକ ଦାବି ନେଇ ଦୀର୍ଘ ଦିନ ହେଲା ଛାତ୍ରଛାତ୍ରୀ ଲିଖିତ ଭାବେ ଜଣାଇ ଆସୁଥିଲେ। ହେଲେ ଆଜି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରକର୍ତ୍ତୃପକ୍ଷ କୌଣସି ପ୍ରକାର ସମାଧାନ କରିପାରିଲେ ନାହିଁ । କର୍ତ୍ତୃପକ୍ଷ କୌଣସି ପ୍ରକାର ସମାଧାନ କରିପାରିଲେ ନାହିଁ ।



ଏଲ୍‌ଏଲ୍‌ବି ଓ ଏଲ୍‌ଏଲ୍‌ଏମ୍ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

# ୭୫ତମ ଜନ୍ମଦିନର ଶୁଭେଚ୍ଛା

(୨ୟ ପୃଷ୍ଠାରୁ)

ଓଡ଼ିଶା ପରି ଆମର ପଡ଼ୋଶୀ ଝାରଖଣ୍ଡ ଓ ଛତିଶଗଡ଼ ମଧ୍ୟ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଏହାର ଲାଭ ପାଇଲେ। ଝାରଖଣ୍ଡ ଓ ଛତିଶଗଡ଼ରେ ଖଣି ଅଛି ସତ, ମାତ୍ର ମହାପ୍ରଭୁ ଜଗନ୍ନାଥ ଆମକୁ ସୁଦୀର୍ଘ ସମୁଦ୍ର ତଟ ଦେଇଛନ୍ତି ଯାହା ଆମର ଦୁଇ ପଡ଼ୋଶୀ ରାଜ୍ୟମାନଙ୍କ ପାଖରେ ନାହିଁ। ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଓଡ଼ିଶାକୁ ପୁଞ୍ଜି ନିବେଶର ସୁଅ ଆସିବାର ରାସ୍ତା ମୋଦୀ ଜୀ ଖୋଲି ଦେଇଛନ୍ତି। କେବଳ ଉତ୍କର୍ଷ ଓଡ଼ିଶାରେ ମୋଦୀ ଜୀଙ୍କ ଉପସ୍ଥିତିରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ଗତ ୧୫ ମାସ ମଧ୍ୟରେ ୨୬୦ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି।ଏହାଦ୍ୱାରା ୫.୬ ଲକ୍ଷ କୋଟିର ନିବେଶ ଏବଂ ୩.୬ ଲକ୍ଷର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ୮୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଗତବର୍ଷ ଆଜିର ଦିନରେ ମୋଦୀ ଜୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ଆମର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଆମେ ଏକ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର ଲେଖାଏ ସେମାନଙ୍କ ବ୍ୟାଙ୍କ ଖାତାରେ ଦେଇସାରିଛୁ। ମୋଟ୍ ୫୦ ହଜାର ଟଙ୍କା ଆଗାମୀ ବର୍ଷମାନଙ୍କରେ ଦେବାର ବ୍ୟୟବରାଦ କରିଛୁ। ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ଦେବାକୁ ପୂର୍ବ ବ୍ୟବସ୍ଥା ସାହସ ଜୁଟାଇ ପାରୁନଥିଲା। ଆମେ କ୍ୱିଣ୍ଟାଲ ପିଛା ୮୦୦ଟଙ୍କାର ଇନ୍‌ପୁଟ ସବ୍‌ସିଡ଼ି ଦେଇପାରିଛୁ କାରଣ ମୋଦୀ ଜୀଙ୍କ ଗରିବ କଲ୍ୟାଣ ଆମ ଶାସନର ମୂଳ ଆଧାର। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମୀଣ ରାସ୍ତା ଓ ଭିତ୍ତିଭୂମି ଆମର ପ୍ରାଥମିକତା। ରେଳ ଓ ସଡ଼କ ଯୋଗାଯୋଗ ମୋଦୀ ଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରରେ ଦ୍ରୁତଗତିରେ ଆଗେଇ ଚାଲିଛି।

ଗରିବ କ'ଣ , ସଂଘର୍ଷ କ'ଣ, ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି କିପରି ଆଗକୁ ବଢ଼ିବାକୁ ହୁଏ ମୋଦୀ ଜୀ ତା'ର ପ୍ରତୀକ। ମା'ଙ୍କ ପାଇଁ ଶୌଚାଳୟ ହେଲା, ଜନଧନ ବ୍ୟାଙ୍କ ଖାତା, ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ ପାଣି ଓ ଉଜ୍ଜ୍ୱଳା ଗ୍ୟାସ୍ ତଥା ନିଜ ଅଞ୍ଚଳରେ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୁଯୋଗର ବ୍ୟବସ୍ଥା କେବଳ ସଂଘର୍ଷ ପୃଷ୍ଠଭୂମିରୁ ଆସିଥିବା ମୋଦୀ ଜୀ ହିଁ ଚିନ୍ତା କରିପାରନ୍ତି। କେନ୍ଦୁଝର ଜିଲ୍ଲାର ରାଇକଳା ଗାଁରୁ ମୁଁ ପିଅନର ପୁଅ। ମା'ର ଗାଈ ଗୁହାଳର କାମ। ଶିକ୍ଷକରୁ ସରପଞ୍ଚ। ପଡ଼ି ଉଠି ସଂଘର୍ଷ କରି ଏଠି ପହଞ୍ଚିଛି। ମୋଦୀ ଜୀଙ୍କ ଜୀବନରୁ ଶିଖିଛି ଆଗକୁ ବହୁତ ଶିଖିବାର ଅଛି। ପୁଣିଥରେ ଓଡ଼ିଶାବାସୀଙ୍କ ତରଫରୁ ମୋଦୀ ଜୀଙ୍କୁ ୭୫ତମ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଚଳିତ ମାସ ୨୭ ତାରିଖରେ ମୋଦୀଜୀ ପୁଣିଆମ ରାଜ୍ୟକୁ ଆସିବେ। ଗଞ୍ଜାମରେ ଅନେକ ଯୋଜନାର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ନୂଆ ସରକାର ଗଠନ ହେବା ଦିନଠୁ ଚଳିତ ମାସ ୨୭ ତାରିଖରେ ସେ ସପ୍ତମଥର ପାଇଁ ଓଡ଼ିଶା ଆସିବେ। ଆମେ ଓଡ଼ିଶାବାସୀ ଏହି ମହାନ ଜନନାୟକଙ୍କୁ ୨୭ ତାରିଖରେ ସ୍ୱାଗତ ପାଇଁ ପ୍ରସ୍ତୁତ। ଆଜି ୧୭ ତାରିଖରେ ସାରା ରାଜ୍ୟରେ ମୋଦୀ ଜୀଙ୍କ ୭୫ତମ ଜନ୍ମଦିନରେ ୭୫ ଲକ୍ଷ ବୃକ୍ଷରୋପଣ କାର୍ଯ୍ୟ ଚାଲିଛି। ଆପଣ ବି ଏହି ଅଭିଯାନ ମା'ପାଇଁ ଗଛଟିଏରେ ସାମିଲ ହୁଅନ୍ତୁ। ବୃକ୍ଷରୋପଣ କରନ୍ତୁ। ବୃକ୍ଷକୁ ଲାଳନ ପାଳନ କରି ସୁରକ୍ଷିତ ରଖି ନିଜ ମା'ଙ୍କୁ ସମ୍ମାନ ସହ ଧରିତ୍ରୀ ମାତାର ସେବା କରନ୍ତୁ।

**ଜୟ ଜଗନ୍ନାଥ**

# ଏକ୍ ପେଡ୍ ମା' କେ ନାମ୍

(୨ୟ ପୃଷ୍ଠାରୁ)

ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ମାତୃଶକ୍ତି ପ୍ରତି ସମ୍ମାନ ଧାରାରେ 'ଏକ୍ ପେଡ୍ ମା କେ ନାମ' କାର୍ଯ୍ୟକ୍ରମକୁ ଦେଖିବା ଆବଶ୍ୟକ। ନିଜ ଆତ୍ମୀୟସ୍ୱଜନଙ୍କ ସ୍ମୃତିଚାରଣ ପାଇଁ ହେଉ କିମ୍ବା ମା'ଙ୍କ ପ୍ରତି ନିଜର ଶ୍ରଦ୍ଧା ପ୍ରତିପାଦନ କରିବା ପାଇଁ, ଆମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥାଉ। ବର୍ତ୍ତମାନ ସମୟରେ ମା'ଙ୍କ ମହତ୍ତ୍ୱ ପାଇଁ 'ମାତୃ ଦିବସ' ବି ପାଳନ କରାଯାଉଛି। କିନ୍ତୁ ବୋଧହୁଏ ସବୁଠାରୁ ପ୍ରକୃଷ୍ଟ ଏବଂ ଯଥାର୍ଥ ମାର୍ଗ ହେଉଛି ମା'ଙ୍କ ସ୍ମୃତି ହେଉ କିମ୍ବା ମା'ଙ୍କୁ ନିଜର ଭଲପାଇବା ଓ ସମ୍ମାନକୁ ଜଣାଇବା ପାଇଁ ତାଙ୍କ ନାଁରେ ଗଛଟିଏ ଲଗାଇବା। ମା'ଙ୍କ ନାମରେ ଲଗାଯାଇଥିବା ଗଛର ଯତ୍ନନେଲେ ଏହା ବଡହୋଇ ମା' ପରି ଶୀତଳ ଛାୟା ସହିତ ଫଳ ପୁଷ୍ପ ପ୍ରଦାନ କରିବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ମା' ପାଇଁ ଗଛଟିଏ' ଅର୍ଥାତ୍ 'ଏକ୍ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ମା' ଓ ସନ୍ତାନଙ୍କ ମଧ୍ୟରେ ଥିବା ଅନାବିଳ ଓ ମମତାମୟୀ ସମ୍ପର୍କକୁ ସୂଚାଇଥାଏ।

ଏହି କାର୍ଯ୍ୟକ୍ରମର ଆବେଗ ବ୍ୟତୀତ, ଏହା ମଧ୍ୟରେ ଅନ୍ତର୍ନିହିତ ଥିବା ପରିବେଶ ସୁରକ୍ଷାର ଲକ୍ଷ୍ୟକୁ ଏଡାଇ ଦେଇ ହେବନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ବୋଧହୁଏ ସାରା ବିଶ୍ୱ ଆଜି ପରିବର୍ତ୍ତନଶୀଳ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ଏହାର ସୁରକ୍ଷା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସରକାର, ଅନୁଷ୍ଠାନ ଦ୍ୱାରା କରାଯାଉଛି। ବୃକ୍ଷରୋପଣ ଏକ ଉପଯୁକ୍ତ ମାଧ୍ୟମ ପରିବେଶ ସୁରକ୍ଷା ପାଇଁ। କିନ୍ତୁ ସରକାରୀସ୍ତରରେ ଯେତେ ଉଦ୍ୟମ ହେଲେ ସୁଦ୍ଧା ଯେପର୍ଯ୍ୟନ୍ତ ନାଗରିକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାନ୍ତି, ସେପର୍ଯ୍ୟନ୍ତ ପରିବେଶ ସୁରକ୍ଷା ସମ୍ଭବ ହେବନାହିଁ।

ତେଣୁ ନାଗରିକଙ୍କୁ କୌଣସି ଅଭିଯାନରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ହେଉଛନ୍ତି ସର୍ବଶ୍ରେଷ୍ଠ ଆମ୍ବାସାଡାର। ତାଙ୍କର ଆହ୍ୱାନ ଏହି କାର୍ଯ୍ୟକ୍ରମକୁ ନୂଆ ରୂପରେଖ ଦେଇଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ୭୫ ଜନ୍ମ ଦିବସରେ ତାଙ୍କୁ ଯଥାର୍ଥ ଶୁଭେଚ୍ଛା ଜଣାଇବା ପାଇଁ ଆଜି ୭୫ ଲକ୍ଷ ଚାରାରୋପଣ କରାଯାଉଛି। ଯଦିଓ ସରକାରୀ ସହାୟତାରେ ଏହି ଅଭିଯାନ କରାଯାଉଛି, ଏହି କାର୍ଯ୍ୟକ୍ରମର ଅଗ୍ରଭାଗରେ ଅଛନ୍ତି ସାଧାରଣ ଜନତା, ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ରାଜ୍ୟର କୋଟି କୋଟି ମା'ମାନେ। 'ଏକ୍ ପେଡ୍ ମା କେ ନାମ ୨.୦' ଅନ୍ତର୍ଗତ ଚଳିତବର୍ଷ ଓଡିଶାରେ ସାଢେ ସାତକୋଟି ଚାରାରୋପଣ କରାଯାଉଛି, ଆଜିର ଏହି ସାମୂହିକ ଚାରାରୋପଣ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ।

ଆଜି ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ୩୪ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ୨ ଲକ୍ଷ ୨୦ ହଜାର ଓ ବ୍ୟାଙ୍କଗୁଡିକ ୨ ଲକ୍ଷ ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ର ଛାତ୍ରୀ, ୧ ହଜାର କଲେଜର ୧ ଲକ୍ଷ ଛାତ୍ର ଛାତ୍ରୀ ଅତି ଉତ୍ସାହର ସହ ରୋପଣରେ ସାମିଲ ହେଉଛନ୍ତି। ଏହି ପ୍ରୟାସକୁ ସଫଳ କରିବା ପାଇଁ ୨ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ, ୧ ଲକ୍ଷ କଲେଜ ସ୍ୱେଚ୍ଛାସେବୀ, ୭୬ ହଜାର ଅଙ୍ଗନବାଡ଼ି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟ ସଭ୍ୟା, ୧୭ ହଜାର ଆଶା କର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ–କ୍ଲବ ଅଣ୍ଟା ଭିଡିଛନ୍ତି।

ଚାରାରୋପଣ କରିବା ସହିତ ଏହି ଚାରାଗୁଡିକର ଯତ୍ନ ନେବାପାଇଁ ବ୍ୟବସ୍ଥା କରାଯାଇଛି, ଯାହାଦ୍ୱାରା ଏହା କେବଳ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ ହୋଇ ରହିବନାହିଁ। ତେଣୁ ରାଜ୍ୟବାସୀ ନିଜ ନିଜ ସ୍ତରରେ ଚାରାରୋପଣ ପରେ ଏହାର ଯତ୍ନ ନେବା ଉଚିତ।

ଏହା ଅନସ୍ୱୀକାର୍ଯ୍ୟ ଯେ ମା'ଙ୍କ ସମ୍ମାନ ରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ବି ସାଲିସ କରିନାହାନ୍ତି। 'ଅପରେସନ ସିନ୍ଦୂର' ଏହାର ଜ୍ୱଳନ୍ତ ପ୍ରମାଣ। ଗତ ୨୩ ବର୍ଷ ହେଲା ସକ୍ରିୟ ରାଜନୀତି ମଧ୍ୟମରେ ମୋଦୀ ଜୀ ଦେଶର ସେବା କରିଆସୁଛନ୍ତି। ତେଣୁ ଓଡିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ତାଙ୍କ ଜନ୍ମଦିନ ପାଳନ ପାଇଁ ଏକ ସାର୍ଥକ ଓ ପ୍ରକୃଷ୍ଟ ଉଦ୍ୟମ।

ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ସାରା ଓଡିଶାବାସୀଙ୍କ ପକ୍ଷରୁ ମୁଁ ମୋଦୀ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ତାଙ୍କୁ ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରନ୍ତୁ ଏବଂ ମା' ଭାରତୀର ସେବା କରିବା ପାଇଁ ନୂତନ ଶକ୍ତି, ନୂତନ ଉଦ୍ଦୀପନା ପ୍ରଦାନ କରନ୍ତୁ।


## AFFIDAVIT

By virtue of an affidavit sworn before the Notary Public, dt.16.09.2025,I, Mandakini Barkhandia, W/o- Sudhansu Naik, At/Po- Nishagadia, Ps-Baria, Dist- Keonjhar- 758032, declare that I have changed the name of my minor son from Amit Naik (old name) to Kamal Lochan Naik (new name). Henceforth, he will be known as Kamal Lochan Naik for all future purposes.

**Mandakini Barkhandia**

## NOTICE

By virtue of an affidavit sworn before the EXECUTIVE MAGISTRATE BHADRAK on Dated 15th SEP 2025, I, Mr. DHANESWAR BARIK, S/o- INDRAMANI BARIK Address, AT-GUDUPAL,PO/PS-TIHIDI, BHADRAK-756130, Odisha, have changed my name from " BANGAL BARIK " to " DHANESWAR BARIK Henceforth, I shall be known as " DHANESWAR BARIK" . for all purposes.

**DHANESWAR BARIK**

## AFFIDAVIT

By virtue of an affidavit sworn before Executive Magistrate, Tangi on Dtd- 26/06/ 2025 I, Ashok Jena, S/o- late naran Jena, Vill.- Bhajagari, PO- Mangalajodi, PS- Tangi, Dist.- Khordha- 752023 declare that I have changed my name from Emandhi Ashok, S/o- Emandhi Narayana to Ashok Jena, S/o- Narayan Jena. Henceforth, I shall be known as Ashok Jena, S/o- Narayan Jena for all purposes

## AFFIDAVIT

**I, Prasant Kumar Dalai, S/o- Late Purna Chandra Dalai, resident of Plot No-583,Near Trinath Temple, Po-Ghatikia, Ps-Bharatpur, Bhubaneswar, Dist-Khordha, Pin-751003, Odisha declare by this affidavit No.1922 dtd.- 15/09/2025 that now onwards I shall be known as PRASANTA KUMAR DALAI for all future purposes.**

## AFFIDAVIT

**I, Prabodh Kumar Das, S/o- Late Manmath Nath Das, resident of Plot No-S/25, Phase-1, Maitree Vihar, C.S.Pur, Ps-Maitree Vihar, Bhubaneswar, Dist- Khordha, Pin-751023, Odisha declare by this affidavit No.1921 dtd.- 15/09/2025 that now onwards I shall be known as PRABODH KUMAR DASH for all future purposes.**



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: e-Tender-Elect-G-45-25ର

**ଶୁଦ୍ଧିପତ୍ର**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ ।

**ବିଷୟ :** ଇ-ଟେଣ୍ଡର ବିଜ୍ଞପ୍ତି ସଂ. ଏବଂ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| e-Tender-Elect -G-45-25 | **e-Tender-Elect -G-49-25** |
| 26.09.2025 | **03.10.2025** |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ଯେ, ଦୟାକରି ୱେବସାଇଟ୍ : **www.ireps.gov.in** ଅବଲୋକନ କରନ୍ତୁ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ) / ଖୋର୍ଦ୍ଧା ରୋଡ଼

PR-602/Q/25-26

## ଦ. ପୂ ରେଳପଥ – ଟେଣ୍ଡର

ଇ–ଟେଣ୍ଡର ନୋଟିସ୍ ନଂ. 4446-GRC-CE-C-0I-15-2025. ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ମୁଖ୍ୟ ଯନ୍ତ୍ରୀ (CON)/I/GRC ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଇ–ଟେଣ୍ଡରର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ www.ireps.gov.in ରେ ଅପଲୋଡ୍ କରାଯାଇଛି। ଟେଣ୍ଡର ନିର୍ଦ୍ଧାରିତ ତାରିଖର ୧୨.୦୦ ଘଣ୍ଟାରେ ବନ୍ଦ ହେବ। **କାର୍ଯ୍ୟଗୁଡିକର ସଂକ୍ଷିପ୍ତ ବିବରଣୀ: CE/Con)/I/GRC,** ନିର୍ମାଣ ସଂଗଠନ, ଦକ୍ଷିଣ ପୂର୍ବ ରେଳପଥର କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା ବିଭିନ୍ନ ନିର୍ମାଣ କ୍ଷେତ୍ର/ସେକ୍ସନଗୁଡିକରେ ପ୍ରକଳ୍ପ ପର୍ଯ୍ୟବେକ୍ଷଣ ସେବା ପ୍ରଦାନ ନିମନ୍ତେ ପ୍ରକଳ୍ପ ପର୍ଯ୍ୟବେକ୍ଷଣ ସେବା ଏଜେନ୍ସି (ପିଏସ୍‌ଏସ୍‌ଏ) ନିଯୁକ୍ତି ପାଇଁ ପ୍ରସ୍ତାବ ପଠାଇବାକୁ ଅନୁରୋଧ (ଆରଏଫ୍‌ପି)। **ଆନୁମାନିକ ମୂଲ୍ୟ:** ଟ.୧୩.୧୩ କୋଟି, **ବିଡ୍ ସିକ୍ୟୁରିଟି :** ଟ.୮,୦୬, ୭୦୦/-.**କାର୍ଯ୍ୟ ସଂପୂର୍ଣ୍ଣ ହେବା ସମୟ :** ୨୪ ମାସ। **ବନ୍ଦ ହେବା ତାରିଖ:** ୧୦.୧୦.୨୦୨୫.ଆଗ୍ରହୀ ଟେଣ୍ଡରରମାନେ ଟେଣ୍ଡରଗୁଡିକର ସଂପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ବିଶେଷତ୍ୱ ଜାଣିବା ପାଇଁ ୱେବସାଇଟ୍ www.ireps.gov.in ଦେଖନ୍ତୁ ଏବଂ ଅନଲାଇନରେ ସେମାନଙ୍କ ବିଡ୍ ଦାଖଲ କରନ୍ତୁ । କୌଣସି ବି ପରିସ୍ଥିତିରେ ଏହିସବୁ ସାମଗ୍ରୀ ନିମନ୍ତେ ବ୍ୟକ୍ତିଗତ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ଦ୍ରଷ୍ଟବ୍ୟ:** "ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in କୁ ଦେଖନ୍ତୁ।"

(PR-630)

## OFFICE OF THE NOTIFIED AREA COUNCIL, BALIMELA
**Odisha, Pin-764051,e-Mail:-eonacbalimela@gmail.com**

**Lt. No. 1718 /Dev/2025** **Dated: 10/09/2025**

e- NOTICE

**C- 1089** **BID IDENTIFICATION No. EOBLM01/2025**

The Executive Officer, NAC, Balimela, on behalf of Government of Odisha invites for bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

1. Name of the Work :- Civil Works
2. Number of Work :- 49 Nos.
3. Estimated cost :- As per DTCN
4. Period of Completion :- As per DTCN
5. Date and Time of availability of Bid Document in the Portal :- From 10.00AM of Dt. 15/09/2025 to 5.00PM of Dt. 08/10/2025
6. Last date and time for receipt of Bid in the Portal :- 5.00PM of Dt. 08/10/2025
7. The bid received online shall be opened on 11.00 AM of dtd. 09/10/2025
8. If necessary, Lottery will be drawn on Dtd.10.10.2025 at 11 A.M.
9. Name and Address of the Officer inviting Bid: Executive Officer, NAC, Balimela.

Further details can be seen from the Procurement Portal: www.tendersorissa.gov.in

OIPR: 13140/11/ 0006/2526

Sd/- Junior Engineer Balímela NAC | Sd/- Chairperson Balimela NAC | Sd/- Executive Officer, Balimela NAC

## ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ : ୫୦୧, ସାଲକନ ଔରମ,ଯଶୋଲା ଜିଲ୍ଲା କେନ୍ଦ୍ର, ନୂଆଦିଲ୍ଲୀ – ୧୧୦୦୨୫, CIN : U65900DL2020PLC366027

### ନିଲାମ ବିଜ୍ଞପ୍ତି

ଏତଦ୍ୱାରା ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଋଣଗ୍ରହୀତାମାନଙ୍କୁ ସୂଚନା ଦିଆଯାଉଛି ଯେ, ସେମାନେ ବ୍ୟାଙ୍କରୁ ଉପଲବ୍ଧ କରିଥିବା ସ୍ୱର୍ଣ୍ଣ ଋଣ ଦେୟ ପରିଶୋଧ କରିନାହାନ୍ତି, ଯଦିଓ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଦାବି ଏବଂ ନୋଟିସ ସହିତ ବ୍ୟକ୍ତିଗତ ନୋଟିସ ଜାରି କରାଯାଇଛି । ଏହାଦ୍ୱାରା ସମସ୍ତ ଋଣଗ୍ରହୀତାଙ୍କୁ ସୂଚନା ଦିଆଯାଉଛି ଯେ, ବ୍ୟାଙ୍କ ନିକଟରେ ସିକ୍ୟୁରିଟି ଭାବରେ ରହିଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡିକ ନିଲାମ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ଏବଂ ତଦନୁସାରେ ଶାଖା ପରିସରରେ ଯେଉଁଠାରୁ ସେମାନେ ଋଣ ଉପଲବ୍ଧ କରିଥିଲେ ସେହିଠାରେ ପୂର୍ବାହ୍ନ ୧୧:୦୦ ଘଣ୍ଟାରେ ନିଲାମ ପରିଚାଳନା କରାଯିବ । ସମସ୍ତେ, ଋଣଗ୍ରହୀତାମାନଙ୍କୁ, ଆକାଉଣ୍ଟଧାରୀମାନଙ୍କୁ ଏବଂ ସର୍ବୋପରି ସର୍ବସାଧାରଣ ବ୍ୟାପକ ଭାବେ ନିଲାମର ସର୍ତ୍ତାବଳୀ ଅନୁସାରେ ଏହି ନିଲାମରେ ଅଂଶଗ୍ରହଣ କରିପାରିବେ ।

**ନିଲାମ ତାରିଖ ୨୬–୦୯–୨୦୨୫ @ ପୂର୍ବାହ୍ନ ୧୧:୦୦ ଘଣ୍ଟା**

| କ୍ର. ନଂ | ଶାଖା | ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ |
|---|---|---|---|
| 1 | ଜୁବିଲି ହିଲସ୍ | 103942517514 | ହିତେଶ କେ ହୋତା |
| 2 | ଜୁବିଲି ହିଲସ୍ | 103942516945 | ବାସୁଦେବ ରାଓ |

ପୂର୍ବରୁ କୌଣସି ସୂଚନା ନ ଦେଇ ନିଲାମରୁ କୌଣସି ଆକାଉଣ୍ଟକୁ ବାଦ ଦେବା କିମ୍ବା ନିଲାମକୁ ବାତିଲ କରିବା ଅଧିକାର ବ୍ୟାଙ୍କର ରହିଛି ।

କ୍ଷମତାପ୍ରାପ୍ତ ଅଧିକାରୀ, ଶିବାଲିକ୍ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍

## ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍

କାର୍ଯ୍ୟାଳୟ ନଂ. ୧,୨,୩,୪, ତଳ ମହଲା, ପୁଷ୍ପକ ସିଏଚ୍‌ଏସ୍, ମାଳବ୍ୟ ରୋଡ୍, ଭିଲେ ପାର୍ଲେ (ପୂର୍ବ), ମୁମ୍ବାଇ–୪୦୦ ୦୫୭
ଫୋନ୍: ୧୮୦୦୧୨୩୪୪୨୭/୦୨୨ ୨୬୧୦୧୦୭୬–୭୯, ଇ–ମେଲ୍: collections@mhfcindia.com

Svatantra Micro Housing Finance Corporation Ltd.

### ଦାବି ବିଜ୍ଞପ୍ତି

### ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନର ଧାରା ୧୩ (୨) ଅନୁଯାୟୀ ବିଜ୍ଞପ୍ତି

ଏତଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବିଜ୍ଞପ୍ତି ଦିଆଯାଉଛି ଯେଉଁମାନେ ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ (SMHFC) ଠାରୁ ଋଣ ସୁବିଧା ଉପଲବ୍ଧ କରିଥିଲେ ସେମାନେ ଏସଏମ୍‌ଏଚ୍‌ଏଫ୍‌ସିକୁ ଇକ୍ୱେଟେଡ୍ ମନ୍ଥଲି ଇନଷ୍ଟଲମେଣ୍ଟ (EMIs) ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ଏବଂ ନ୍ୟାସନାଲ ହାଉସିଂ ବ୍ୟାଙ୍କର ନିର୍ଦ୍ଦେଶନାମା ଅନୁଯାୟୀ ସେମାନଙ୍କ ଲୋନ୍ ଆକାଉଣ୍ଟ ନନ୍ ପରଫର୍ମିଂ ଆସେଟ୍ ଶ୍ରେଣୀରେ ଶ୍ରେଣୀଭୁକ୍ତ ହୋଇଛି। ଋଣଗ୍ରହୀତାମାନେ ଏସଏମ୍‌ଏଚ୍‌ଏଫ୍‌ସିକୁ ସ୍ଥାବର ସଂପତ୍ତିର ସିକ୍ୟୁରିଟି ପ୍ରଦାନ କରିଛନ୍ତି ଯାହାର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଯାଇଛି। ଋଣ ବିଷୟରେ ସଂପୂର୍ଣ୍ଣ ବିବରଣୀ ଏବଂ ବକେୟା ରାଶି ଯାହା ଋଣଗ୍ରହୀତାଙ୍କ ଦ୍ୱାରା ତାରିଖ ସୁଦ୍ଧା ଏସଏମ୍‌ଏଚ୍‌ଏଫ୍‌ସିକୁ ପ୍ରଦାନ କରାଯିବାକୁ ଅଛି ତାହା ମଧ୍ୟ ନିମ୍ନରେ ଉଲ୍ଲେଖ କରାଯାଇଛି। ଏତଦ୍ୱାରା ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି କି ନିମ୍ନସ୍ୱାକ୍ଷରକାରୀ ଏସଏମ୍‌ଏଚ୍‌ଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ , ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ (ସରଫେସୀ ଆଇନ) ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନର ବିଧି ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ଋଣଦାତା ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଯଦି ନିମ୍ନଲିଖିତ ଋଣଗ୍ରହୀତା ଏହି ବିଜ୍ଞପ୍ତିର ୬୦ (ଷାଠିଏ) ଦିନ ମଧ୍ୟରେ ସେମାନଙ୍କ ନାମରେ ଥିବା ବକେୟା ରାଶି ପ୍ରଦାନ କରିବାରେ ବିଫଳ ହୁଅନ୍ତି ନିମ୍ନସ୍ୱାକ୍ଷରକାରୀ ସରଫେସୀ ଆଇନର ଧାରା ୧୩ ଉପଧାରା ୪ ଅନୁଯାୟୀ ସୁରକ୍ଷିତ ଋଣଦାତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା କୌଣସି ଗୋଟିଏ କିମ୍ବା ଏକାଧିକ କ୍ଷମତାର ପ୍ରୟୋଗ କରିବେ, ଏହା ସହିତ ନିମ୍ନସ୍ୱାକ୍ଷରକାରୀଙ୍କର ସଂପତ୍ତିଗୁଡିକ ଦଖଲକୁ ନେବା ଏବଂ ବିକ୍ରୟ କରିବାର କ୍ଷମତା ମଧ୍ୟ ରହିଛି। ସର୍ବସାଧାରଣଙ୍କୁ ସାଧାରଣ ଭାବେ ପରାମର୍ଶ ଦିଆଯାଉଛି ଯେ ସେମାନେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି/ଗୁଡିକ ଉପରେ କୌଣସି କାରବାର କରିବେ ନାହିଁ।

| ଋଣଗ୍ରହୀତା (ମାନେ)/ଗ୍ୟାରେଣ୍ଟର (ମାନେ) ଙ୍କ ନାମ | ଦାବି ବିଜ୍ଞପ୍ତି ତାରିଖ ଏବଂ ରାଶି | ସୁରକ୍ଷିତ ସମ୍ପତ୍ତି (ଗୁଡିକ)ର ବିବରଣୀ (ସ୍ଥାବର ସଂପତ୍ତି/ଗୁଡିକ) |
|---|---|---|
| ଲୋନ୍ ନଂ. : APP-050-620<br>ଶ୍ରୀ ବିଘ୍ନେଶ୍ୱର ନାୟକ<br>ଶ୍ରୀମତୀ ପଦ୍ମିନୀ ନାୟକ | ୦୯.୦୭.୨୦୨୫<br>ଟ. ୧,୫୩,୧୯୮/– | ପ୍ଲଟ ନଂ. ୧୩୯୨/୫୯୫୭ (ସାର୍ଟିଫିକେଟ୍ ନଂ. ୯), ୱାର୍ଡ ନଂ. ୧୭, ସ୍ଥାନ–ବିଷ୍ଣୁମୁଣ୍ଡା, ତହସିଲ ଓ ଥାନା–ବଲାଙ୍ଗୀର–୩୧୯, ବଲାଙ୍ଗୀର, ଓଡ଼ିଶା–୭୬୭୦୦୧ |
| ଲୋନ୍ ନଂ. : APP-072-304<br>ଶ୍ରୀ ନବୀନ ଚନ୍ଦ୍ର ମହାପାତ୍ର<br>ଶ୍ରୀମତୀ ନରମିତା ଦାସ | ୧୨.୦୮.୨୦୨୫<br>ଟ. ୨,୧୮,୩୨୪/– | ଖତିୟାନ କ୍ରମିକ ନଂ. ୨୩୨, ପ୍ଲଟ ନଂ. ୩୮୮, ୱାର୍ଡ ନଂ. ୧୦, ସ୍ଥାନ–ବଡନୂଆଗାଁ, ପାଇକରାପୁର, ତହସିଲ–ଜଟଣୀ, ଖୋର୍ଦ୍ଧା, ଓଡ଼ିଶା–୭୫୨୦୫୦ |
| ଲୋନ୍ ନଂ. : APP-051-704<br>ଶ୍ରୀମତୀ ସନ୍ଧ୍ୟାରାଣୀ ଦେହୁରୀ<br>ଶ୍ରୀ ଜଗନ୍ନାଥ ଦେହୁରୀ | ୧୦.୦୯.୨୦୨୫<br>ଟ. ୨,୦୮,୨୨୬/– | ପ୍ଲଟ ନଂ. ୯୪/୫୭୬୭ (ସାର୍ଟିଫିକେଟ୍ ନଂ. ୪୪୨), ୱାର୍ଡ ନଂ. ୯, ସ୍ଥାନ–ବନମାଳିପ୍ରସାଦ, ତହସିଲ–ଢେଙ୍କାନାଳ, ସଦର–୨, ଥାନା–ଢେଙ୍କାନାଳ ସହର–୨, ଢେଙ୍କାନାଳ, ଓଡ଼ିଶା–୭୫୯୦୦୧ |
| ଲୋନ୍ ନଂ. : APP-052-077<br>ଶ୍ରୀମତୀ ଦ୍ରୌପଦୀ ବେହେରା<br>ଶ୍ରୀ ନରସିଂହ ବେହେରା | ୧୦.୦୯.୨୦୨୫<br>ଟ. ୩,୧୫,୬୩୧/– | ପ୍ଲଟ ନଂ. ୧୦୫୦ (ସାର୍ଟିଫିକେଟ୍ ନଂ. ୭୯୩), ୱାର୍ଡ ନଂ. ୨୬, ସ୍ଥାନ–ବାଲୁଖଣ୍ଡ–୧୮, ତହସିଲ–ପୁରୀ ସଦର–୧୦୮, ପୁରୀ, ଓଡ଼ିଶା–୭୫୨୦୦୩ |
| ଲୋନ୍ ନଂ. : APP-053-040<br>ଶ୍ରୀମତୀ ପ୍ରେମା ନାୟକ<br>ଶ୍ରୀ ପ୍ରସନ୍ନ ନାୟକ<br>ଶ୍ରୀ ପ୍ରଭାତ ନାୟକ | ୧୦.୦୯.୨୦୨୫<br>ଟ. ୧,୮୬,୯୨୯/– | ପ୍ଲଟ ନଂ. ୨୪୦୭/୨୩୨୫୫ (ସାର୍ଟିଫିକେଟ୍ ନଂ. ୮୯୬), ୱାର୍ଡ ନଂ. ୧୦, ସ୍ଥାନ–ଢେଙ୍କାନାଳ, ତହସିଲ–ଢେଙ୍କାନାଳ ସଦର–୧, ଢେଙ୍କାନାଳ, ଓଡ଼ିଶା–୭୫୯୦୦୧ |
| ଲୋନ୍ ନଂ. : APP-067-650<br>ଶ୍ରୀମତୀ ଲକ୍ଷ୍ମୀପ୍ରିୟା ତରେଇ<br>ଶ୍ରୀ ରମେଶ ତରେଇ<br>ଶ୍ରୀ କୃଷ୍ଣ ଚନ୍ଦ୍ର ତରେଇ | ୧୦.୦୯.୨୦୨୫<br>ଟ. ୩,୧୩,୩୩୬/– | ଖତିୟାନ କ୍ରମିକ ନଂ. ୪୫୨, ପ୍ଲଟ ନଂ. ୩୧, ୱାର୍ଡ ନଂ. ୫, ସ୍ଥାନ–ମଙ୍ଗଳାଘାଟ, ତହସିଲ ଏବଂ ନଂ.–ପୁରୀ ସଦର, ୬୪୩, ପୁରୀ, ଓଡ଼ିଶା–୭୫୨୦୦୨ |
| ଲୋନ୍ ନଂ. : APP-071-925<br>ଶ୍ରୀମତୀ ଅନି ନାୟକ<br>ଶ୍ରୀ ଚୈତନ ନାୟକ | ୧୦.୦୯.୨୦୨୫<br>ଟ. ୧,୯୫,୫୫୯/– | ଖାତା ନଂ. ୩୭୧୪, ପ୍ଲଟ ନଂ. ୧୬୬, ୱାର୍ଡ ନଂ. ୨୨, ହାଉସ୍ ନଂ. ୦୪, ସ୍ଥାନ–ଢେଙ୍କାନାଳ ସହର, ତହସିଲ ଏବଂ ନଂ.–ଢେଙ୍କାନାଳ ସଦର,୧, ଢେଙ୍କାନାଳ, ଓଡ଼ିଶା–୭୫୯୦୧୩ |

ସ୍ଥାନ : ଓଡ଼ିଶା
ତାରିଖ : ୧୭.୦୯.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ସ୍ୱତନ୍ତ୍ର ମାଇକ୍ରୋ ହାଉସିଂ ଫାଇନାନ୍ସ କର୍ପୋରେସନ ଲିମିଟେଡ୍ ନିମନ୍ତେ